# NATIONAL NEWS BULLETIN (ODIA)

## 6 June - 2025

## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଦେଶ ପ୍ରତି ସେବା ମନୋଭାବ ସ୍ୱରୂପ ଭାରତରେ ନିର୍ମିତ ସାମଗ୍ରୀକୁ ପ୍ରାଥମିକତା ଭିତ୍ତିରେ ବ୍ୟବହାର କରିବା ଲାଗି ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ।
- ୱାକଫ୍ ସମ୍ପର୍କିତ ଉମିଦ୍ କେନ୍ଦ୍ରୀୟ ପୋର୍ଟାଲ୍‌ର ଶୁଭାରମ୍ଭ କଲେ କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ।
- ଭାରତର ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ଅଭିଯାନକୁ ଏକ ସୁସ୍ଥ ରୂପାନ୍ତରିକରଣ ବ୍ୟବସ୍ଥା ଭାବେ ଅଭିହିତ କରିଛନ୍ତି  ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ।
- ଆସନ୍ତା ଅଗଷ୍ଟ ୩ ତାରିଖରେ ଦେଶ ବ୍ୟାପି ଏକକ ସିଫ୍ଟରେ ନିଟ୍-ପିଜି ୨୦୨୫ ପରୀକ୍ଷା କରାଇବାକୁ ଏନ୍.ବି.ଇ.କୁ ନିର୍ଦ୍ଦେଶ ଦେଲେ ସୁପ୍ରିମ୍‌କୋର୍ଟ ।

ଏବଂ

- ପଲିସି ରେପୋ ହାରକୁ ୫୦ ବେସିସ୍ ପଏଣ୍ଟ ହ୍ରାସ କଲା ଆର୍.ବି.ଆଇ.ଟ

## ପିଏମ୍-କାଶ୍ମୀର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉଧମପୁର-ଶ୍ରୀନଗର-ବାରମୂଳା ରେଳ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି । ଏହି ଅବସରରେ ଆୟୋଜିତ ଏକ ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, ଏହି ପ୍ରକଳ୍ପ ଏକ ନୂତନ ତଥା ସଶକ୍ତ ଜାମ୍ମୁ କାଶ୍ମୀରର ପ୍ରତୀକ ଭାବେ ଉଭା ହୋଇନାହିଁ ବରଂ ଦେଶର ସାମଗ୍ରୀକ ବିକାଶ ଦିଗରେ ଏକ ନୂତନ ପରିଚୟ ସୃଷ୍ଟି କରିପାରିଛି । ଚେନ୍ନାବ ଏବଂ ଆଞ୍ଜି ସେତୁ ଜାମ୍ମୁ କାଶ୍ମୀରର ସମୃଦ୍ଧି ଦିଗରେ ପଥ ଉନ୍ମୁକ୍ତ କରିବ ବୋଲି ଶ୍ରୀ ମୋଦୀ ପ୍ରତିଶ୍ରୁତି ଦେଇଛନ୍ତି । ଅତ୍ୟାଧୁନିକ ଚେନ୍ନାବ୍ ସେତୁ ଉପରେ ଆଲୋକପାତ କରି ସେ କହିଛନ୍ତି, ଏହା ଦ୍ୱାରା ଜାମ୍ମୁ ଓ ଶ୍ରୀନଗର ମଧ୍ୟରେ ଗମନାଗମନ ଅଧିକ ସୁଗମ ହୋଇପାରିବ । ଏଥିସହିତ ଦେଶରେ କାଶ୍ମୀର ଠାରୁ କନ୍ୟା କୁମାରୀ ପର୍ଯ୍ୟନ୍ତ ବର୍ତ୍ତମାନ ରେଳ ସଂଯୋଗ କରାଯାଇପାରିଥିବାରୁ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି ।

**V/O- PPM-MODI-ON-RAIL-NETWORK**

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ସନ୍ତ୍ରାସବାଦ ନିକଟରେ କେବେବି ମୁଣ୍ଡ ନୁଆଇବ ନାହିଁ । ଗତମାସ ୨୨ ତାରିଖରେ ହୋଇଥିବା ପହଲଗାମ

ସନ୍ତ୍ରାସବାଦ ଆକ୍ରମଣର ଉଦାହରଣ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଦୁର୍ଭାଗ୍ୟବଶତଃ ଆମର ପଡ଼ୋଶୀ ଦେଶ  ମାନବତା ଏବଂ ଗରିବଙ୍କର ଜୀବନଜୀବିକା ବିରୁଦ୍ଧରେ  କାର୍ଯ୍ୟ କରୁଛି । କାଶ୍ମୀରରେ ଅନେକ ପରିବାର ନିଜର ଜୀବନଜୀବିକା ମେଣ୍ଟାଇବା ଲାଗି ନିର୍ଭର କରୁଥିବା ପର୍ଯ୍ୟଟନ କ୍ଷେତ୍ରକୁ ମଧ୍ୟ ଏହି ଦେଶ କ୍ଷତି ପହଞ୍ଚାଇବାର ଅପଚେଷ୍ଟା କରିଛି ।

**V/O-PM-MODI-ON-PAHALGAM**

ଶ୍ରୀ ମୋଦୀ କହିଛନ୍ତି, ପାକିସ୍ତାନର ଏହି ଅ-ମାନବୀୟ କାର୍ଯ୍ୟ ଲାଗି ଜାମ୍ମୁ, ପୁଞ୍ଛ ସମେତ ଅନ୍ୟାନ୍ୟ ଜିଲ୍ଲାରେ ୨ହଜାରରୁ ଅଧିକ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି । ସେମାନଙ୍କର ଘର ମରାମତି ତଥା ପୁନଃ ଥଇଥାନ ନିମନ୍ତେ ସରକାର ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି । ବର୍ତ୍ତମାନ ସୀମାପାର ଗୁଳିଗୋଳା ଘଟଣାରେ ପ୍ରଭାବିତ ଏହି ପରିବାରଗୁଡ଼ିକୁ ସରକାର ଅଧିକ ଆର୍ଥିକ ସହାୟତା ଯୋଗାଇଦେବା ସହିତ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରାଇବାକୁ ନିଷ୍ପତ୍ତି ନେଇଛନ୍ତି । ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ଘରଗୁଡ଼ିକର ପୁନଃ ଥଇଥାନ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆଂଶିକ କ୍ଷତିଗ୍ରସ୍ତ ପରିବାର ଲାଗି ୧ ଲକ୍ଷ ଟଙ୍କା ଲେଖାଏଁ ଅତିରିକ୍ତ ଆର୍ଥିକ ସହାୟତା ଯୋଗାଇଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଅପରେସନ୍ ସିନ୍ଦୂର ସର୍ବଦା ପାକିସ୍ତାନକୁ ନିଜର ଲଜ୍ଜାଜନକ ପରାସ୍ତ ସମ୍ପର୍କରେ ସ୍ମରଣ କରାଉଥିବ । ଅପରେସନ

ସିନ୍ଦୂର ମାଧ୍ୟମରେ ଆତ୍ମନିର୍ଭର ଭାରତର ଶକ୍ତି ବିଶ୍ୱରେ ପ୍ରଦର୍ଶିତ ହୋଇଛି । ବର୍ତ୍ତମାନ ସମଗ୍ର ବିଶ୍ୱରେ ଭାରତର ସଶକ୍ତ ପ୍ରତିରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଉଛି । ଭାରତରେ ନିର୍ମିତ ସାମଗ୍ରୀ ଗୁଡ଼ିକୁ ପ୍ରାଥମିକତା ସ୍ୱରୂପ ବ୍ୟବହାର କରିବା ଲାଗି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଏହି ଅବସରରେ ଆହ୍ୱାନ ଦେବା ସହ ଏହା ଦ୍ୱାରା ଦେଶ ପ୍ରତି ସେବା ମନୋବୃତ୍ତି ପ୍ରତିଫଳିତ ହେଉଛି ବୋଲି ମତବ୍ୟକ୍ତ କରିଛନ୍ତି ।

ପ୍ରଧାନମନ୍ତ୍ରୀଙ୍କର ଆଜି ଜାମ୍ମୁ କାଶ୍ମୀର ଗସ୍ତ ଅବସରରେ ସେ ୪୬ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି ।

## ରିଜିଜୁ-ଉମିଦ୍ ପୋର୍ଟାଲ୍

କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କୀରଣ ରିଜିଜୁ ଆଜି ନୂଆଦିଲ୍ଲୀ ଠାରେ ଉମିଦ୍ କେନ୍ଦ୍ରୀୟ ପୋର୍ଟାଲ୍‌ର ଶୁଭାରମ୍ଭ କରିଛନ୍ତି । ନୂତନ ଓ୍ୱାକଫ୍ ସମ୍ପତ୍ତି, ଓ୍ୱାକଫ୍ ସମ୍ପର୍କିତ ବିସ୍ତୃତ ବିବରଣୀ ଦାଖଲ କରିବା, ଓ୍ୱାକଫ୍ ରେଜିଷ୍ଟ୍ରର୍ ବ୍ୟବହାର ପ୍ରଣାଳୀ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏହି ପୋର୍ଟାଲ୍ ମାଧ୍ୟମରେ ସମ୍ପନ୍ନ କରାଯାଇପାରିବ । ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ରିଜିଜୁ କହିଛନ୍ତି, ଉମିଦ୍ କେନ୍ଦ୍ରୀୟ ପୋର୍ଟାଲ୍ ମାଧ୍ୟମରେ ଓ୍ୱାକଫ୍ ସମ୍ପତ୍ତି ପରିଚାଳନା ଏବଂ ପ୍ରଶାସନ କ୍ଷେତ୍ରରେ ସ୍ୱଚ୍ଛତ

ବଜାୟ ରହିପାରିବ । ଓ୍ୱାକଫ୍ ସଂଶୋଧନ ନିୟମ ୨୦୨୫ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ମନ୍ତ୍ର ସବ୍ କା ସାଥ୍ ସବ୍ କା ବିକାଶର ପ୍ରତିଫଳନ ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

**V/O-KIREN-RIJIJU—WAQF**

# ଗୋୟଲ-ଏଫ୍‌ଡିଆଇ

ଭାରତର ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ – ଏଫ୍.ଡି.ଆଇ. ଅଭିଯାନକୁ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଏକ ସୁସ୍ଥ ରୂପାନ୍ତରିକରଣ ବ୍ୟବସ୍ଥା ଭାବେ ଅବିହିତ କରିଛନ୍ତି । ନିବେଶକ ରାଉଣ୍ଡଟେବୁଲ୍ ବୈଠକରେ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ଉଦ୍‌ବୋଧନ ଦେଇ ଶ୍ରୀ ଗୋୟଲ୍ କହିଛନ୍ତି, ଭାରତ ଏଫ୍.ଡି.ଆଇ. କ୍ଷେତ୍ରରେ ହାସଲ କରିଥିବା ସଫଳତା ହେଉଛି ସରକାରଙ୍କ ଏକ ଦୂରଦୃଷ୍ଟି ସମ୍ପନ୍ନ ନୀତି ପ୍ରଣୟନ ଏବଂ ସଂସ୍କାର ମୂଳକ ପଦକ୍ଷେପର ପ୍ରତିଫଳନ । ଏହାଦ୍ୱାରା ଭାରତର ଭବିଷ୍ୟତ ଅର୍ଥ ବ୍ୟବସ୍ଥାରେ ବିଶ୍ୱ ସମୁଦାୟର ବିଶ୍ୱାସ ଅଧିକ ଗଭୀର ହୋଇପାରିଛି ବୋଲି ସେ କହିଛନ୍ତି । ଭାରତକୁ ବିଶ୍ୱର ପ୍ରଥମ ପୁଞ୍ଜିନିବେଶ ଲକ୍ଷ୍ୟ ସ୍ଥଳୀ ଭାବେ ପରିଣତ କରିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତା ଦୋହରାଇ ଶ୍ରୀ ଗୋୟଲ୍ କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ଶତପ୍ରତିଶତ ବିଦେଶୀ ପୁଞ୍ଜିନିବେଶ କରିବା ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି ।

# ଅମିତ ଶାହା-ଲାଙ୍ଗୁଏଜ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀ ଠାରେ ଭାରତୀୟ ଭାଷା ଅନୁଭାଗର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ଶାହା କହିଛନ୍ତି, ବିଦେଶୀ ଭାଷା ଗୁଡ଼ିକର ପ୍ରଭାବରୁ ପ୍ରଶାସନକୁ ମୁକ୍ତ କରିବା ଦିଗରେ ଏହା ଏକ ମାଇଲ୍‌ଷ୍ଟୋନ୍ ସାବ୍ୟସ୍ତ ହେବ । ନିଜ ମାତୃଭାଷାରେ ଯେକୌଣସି ପ୍ରସଙ୍ଗରେ ବିସ୍ତୃତ ଭାବେ ପର୍ଯ୍ୟାଲୋଚନା କରାଯାଇପାରିଲେ ହିଁ ଏକ ସକାରାତ୍ମକ ତଥା ସୁସ୍ଥ ନିଷ୍ପତ୍ତି ନିଆଯାଇପାରିବ । ସ୍ଥାନୀୟ ଭାଷା ଗୁଡ଼ିକର ସଶକ୍ତି କରଣ ଦ୍ୱାରା ଭାରତ ନିଜର ଗୌରବମୟ ଐତିହ୍ୟ ବଜାୟ ରଖିପାରିବ ବୋଲି ଶ୍ରୀ ଶାହା କହିଛନ୍ତି । ଭାରତୀୟ ଭାଷା ଅନୁଭାଗ' ଦେଶରେ ବିବିଧ ଭାଷା ପ୍ରଚଳନ ସହିତ ସମସ୍ତ ଭାଷାକୁ ସଶକ୍ତ କରିବା ଦିଗରେ ସହାୟକ ହୋଇପାରିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅଶାବ୍ୟକ୍ତ କରିଛନ୍ତି ।

# ଏସ୍‌ସି-ନିଟ୍

ଆସନ୍ତା ଅଗଷ୍ଟ ୩ ତାରିଖ ଦିନ ଦେଶ ବ୍ୟାପି ଏକକ ସିପ୍ଟରେ ନିଟ୍-ପିଜି ୨୦୨୫ ପରୀକ୍ଷା କରାଇବାକୁ ସୁପ୍ରିମ୍‌କୋର୍ଟ ଜାତୀୟ ପରୀକ୍ଷା ବୋର୍ଡ୍ – ଏନ୍.ବି.ଇ.କୁ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ଏହି ପରୀକ୍ଷା ଆସନ୍ତା ୧୫ ତାରିଖରେ ହେବାର ଧାର୍ଯ୍ୟ ହୋଇଥିଲା ।  ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ର ଓ

ଜଷ୍ଟିସ୍ ଅଗଷ୍ଟାଇନ୍ ଜର୍ଜ୍ ମାସିହଙ୍କୁ ନେଇ ଗଠିତ ବେଞ୍ଚ୍ ଏହି ନିର୍ଦ୍ଦେଶ ଦେବା ସହିତ ଏହି ପରୀକ୍ଷା ଅନୁଷ୍ଠିତ କରାଇବା ଦିଗରେ ଆଉ ସମୟ ଦିଆଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ।

## କର୍ଣ୍ଣାଟକ-ଇସ୍ରୋ

ଭାରତୀୟ ବାୟୁ ସେନାର ଟେଷ୍ଟ ପାଇଲଟ୍ ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲା ଇସ୍ରୋର ଗଗନଯାନ ମିଶନ୍ ଲାଗି ମନୋନୀତ ହୋଇଛନ୍ତି । ଯୁକ୍ତରାଷ୍ଟ୍ର ଆମେରିକାର ମହାକାଶ ସଂସ୍ଥା ନାଶା ଦ୍ୱାରା ଆସନ୍ତା ୧୦ ତାରିଖ ଦିନ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରୁ ଉତ୍କ୍ଷେପଣ ହେବାକୁ ଥିବା ଆକ୍ଜିୟମ୍ ଫୋର୍ ମିଶନ୍‌ରେ ଅନ୍ୟ ଦେଶର ମହାକାଶଚାରୀଙ୍କ ସହିତ ଶୁଭାଂଶୁ ସାମିଲ ହୋଇଛନ୍ତି । ଶୁଭାଂଶୁ ଶୁକ୍ଲା ରୁଷର ୟୁରିଗାଗାରିନ୍ ମହାକାଶଚାରୀ ତାଲିମ୍ କେନ୍ଦ୍ରରେ ପ୍ରଶିକ୍ଷଣ ନେବା ପରେ ବେଙ୍ଗାଲୁରୁ ଠାରେ ଇସ୍ରୋ ପକ୍ଷରୁ ମହାକାଶ ସମ୍ପର୍କିତ ଅନ୍ୟ କେତେକ ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଇଛନ୍ତି ।

# ଆର୍‌ବିଆଇ-ରେଟ୍ କଟ୍

ଭାରତୀୟ ରିଜର୍ଭ ବ୍ୟାଙ୍କ୍ – ଆର୍.ବି.ଆଇ. ଆଜି ପଲିସି ରେପୋ ହାରକୁ ୫୦ ବେସିସ୍ ପଏଣ୍ଟ ହ୍ରାସ କରିଛି । ଆର୍.ବି.ଆଇ.ର ମୁଦ୍ରାନୀତି କମିଟି ଦ୍ୱାରା ନିଆଯାଇଥିବା ଏହି ନିଷ୍ପତ୍ତି ଅନୁଯାୟୀ ଏଣିକି ପଲିସି ରେପୋ ହାର ୫ ଦଶମିକ୍ ୫ ପ୍ରତିଶତରେ ପହଞ୍ଚିଛି । ଫଳରେ ଲିକ୍ୟୁଡିଟି ଆଡ୍‌ଜଷ୍ଟମେଣ୍ଟ ସୁବିଧା ଅଧୀନରେ ସ୍ଥାୟୀ ଜମା ସୁବିଧା ହାର ୫ ଦଶମିକ୍ ୨/୫ ପ୍ରତିଶତ ଏବଂ ମାର୍ଜିନାଲ୍ ସ୍ଥାୟୀ ସୁବିଧା ହାର ଓ ବ୍ୟାଙ୍କ୍ ହାର ୫ ଦଶମିକ୍ ୭/୫ ପ୍ରତିଶତ ହେବ । ମୁଦ୍ରାସ୍ଫିତି ହାର ନିୟନ୍ତ୍ରଣ କରିବା ସହିତ ଅଭିବୃଦ୍ଧି ହାର ବଜାୟ ରଖିବା ଦିଗରେ ଏହି ନିଷ୍ପତ୍ତି ସହାୟକ ହେବ ବୋଲି ଆର୍.ବି.ଆଇ. ଗଭର୍ଣ୍ଣର ସଂଜୟ ମାଲହୋତ୍ରା କହିଛନ୍ତି । ଏହି ନିଷ୍ପତ୍ତି ଘୋଷଣା କରିବା  ସମୟରେ ଶ୍ରୀ ମାଲ୍‌ହୋତ୍ରା କହିଛନ୍ତି, ୨୦୨୬ ଆର୍ଥିକ ବର୍ଷ ଲାଗି ମୁଦ୍ରାସ୍ଫିତି ହାରକୁ ସଂଶୋଧନ କରାଯାଇ ପୂର୍ବରୁ ଥିବା ୪ ପ୍ରତିଶତରୁ ୩ ଦଶମିକ୍ ୭ ପ୍ରତିଶତକୁ ହ୍ରାସ କରାଯାଇଛି । ଆର୍.ବି.ଆଇ.ର ମୁଦ୍ରାନୀତି କମିଟିର ପରବର୍ତ୍ତୀ ବୈଠକ ଆସନ୍ତା ଅଗଷ୍ଟ ୪ରୁ ୬ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି ।

## ରାଣା-କଷ୍ଟୋଡି

ଦିଲ୍ଲୀର ପଟିଆଲା ହାଉସ୍ ଅଦାଲତ ଆଜି ୨୬/୧୧ ମୁମ୍ବାଇ ଆକ୍ରମଣର ଅଭିଯୁକ୍ତ ତାହାଉର୍ ହୁସେନ ରାଣାର ବିଚାର ବିଭାଗୀୟ ହାଜତ ଅବଧିକୁ ଆସନ୍ତା ମାସ ୯ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ରାଣାର ବିଚାର ବିଭାଗୀୟ ହେପାଜତ ଅବଧି ଆଜି ସମ୍ପୂର୍ଣ୍ଣ ହେବା ରେ ତାକୁ ଅଦାଲତରେ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ହାଜତ କରାଯାଇଥିଲା । ତେବେ ରାଣାର ସ୍ୱାସ୍ଥ୍ୟ ଅବସ୍ଥାରେ ଅବନତି ହେଉଥିବା ସମ୍ପର୍କରେ ତାର ଓକିଲ ଅଦାଲତକୁ ଅବଗତ କରାଇବା ପରେ ଆସନ୍ତା ସୋମବାର ସୁଦ୍ଧା ଏ ସମ୍ପର୍କିତ ଏକ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବା ଲାଗି ସ୍ୱତନ୍ତ୍ର ବିଚାରପତି ତିହାର ଜେଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଇଣ୍ଡୋନେସିଆ ଓପନ୍

ଇଣ୍ଡୋନେସିଆ ଓପନ୍ ସୁପର ୱାନ୍ ଥାଉଜେଣ୍ଡ ଟୁର୍ଣ୍ଣାମେଣ୍ଟରେ ଡବଲ୍ସ ବର୍ଗରେ ଭାରତର ଚୀରାଗ୍ ସେଟୀ ଓ ସାତ୍ୱୀକ ସାଇରାଜ ରାଙ୍କି ରେଡ୍ଡୀ ଯୋଡ଼ି ଆଜି କ୍ୱାର୍ଟର ଫାଇନାଲ୍‌ରେ ପରାସ୍ତ ହୋଇଛନ୍ତି । ଜାକର୍ତ୍ତା ଠାରେ ଅନୁଷ୍ଠିତ ଏହି କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ମ୍ୟାଲେସିଆର ୱି ଚୋଙ୍ଗ ଓ ଟି କାଏ ଉନ୍‌ଙ୍କ ଯୋଡ଼ି ଠାରୁ ଭାରତୀୟ ଯୋଡ଼ି ୧୯-୨୧, ୧୬-୨୧ ସେଟ୍‌ରେ ହାରିଯାଇଛନ୍ତି ।